# NATIONAL NEWS BULLETIN (ODIA)

**28 July - 2024**

**Mid Bulletin : 1.50 p.m.**

---

# ମୁଖ୍ୟ ସମ୍ବାଦ

- ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

\- କହିଲେ ସଂସ୍କୃତି ଉପରେ ଗର୍ବ କଲେ ହିଁ ଦେଶ ପ୍ରଗତି କରିପାରିବ ।

- ବିଜେପି ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀଙ୍କ ଦୁଇଦିନିଆ ବୈଠକ ନୂଆଦିଲ୍ଲୀସ୍ଥିତ ଦଳୀୟ ମୁଖ୍ୟାଳୟରେ ଜାରି ।
- ଦୁଇଦିନିଆ ଜାପାନ ଗସ୍ତରେ ଯାଇ ଟୋକିଓଠାରେ ପହଞ୍ଚିଲେ ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ।

- ସୋମାଲିଆରେ ତୁର୍କୀ ସଶସ୍ତ୍ରବାହିନୀ ମୁତୟନ ସଂକ୍ରାନ୍ତ ପ୍ରସ୍ତାବ ତୁର୍କୀ ସଂସଦରେ ପାରିତ ।

ଏବଂ

- ମହିଳା ଟି-ଟ୍ୱେଣ୍ଟି ଏସିଆ କପ୍ କ୍ରିକେଟ୍ ଫାଇନାଲ୍ ମ୍ୟାଚ୍‌ରେ ଆଜି ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ହେବ ମୁକାବିଲା ।

# ମନ୍ କି ବାତ୍

ଆସାମର 'ଚରାଇଦେଓ ମାଇଦମ' ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳୀରେ ସ୍ଥାନ ପାଇଥିବାରୁ ଆମେ ଗର୍ବିତ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି ବିଶ୍ୱ ଐତିହ୍ୟ ତାଲିକାରେ ସ୍ଥାନ ପାଇବାରେ ଏହା ହେଉଛି ଭାରତର ୪୩ତମ ତଥା ଉତ୍ତରପୂର୍ବାଞ୍ଚଳର ପ୍ରଥମ ସାଂସ୍କୃତିକ ସ୍ଥଳ । ଅହୋମ ବଂଶର ଏହା ପ୍ରଥମ ରାଜଧାନୀ ଥିଲା । ଅହୋମ ବଂଶର ଲୋକମାନେ ପାରମ୍ପରିକ ଭାବେ ନିଜ ପୂର୍ବପୁରୁଷଙ୍କ ମରଶରୀର ଏବଂ ମୂଲ୍ୟବାନ ଜିନିଷକୁ ମଇଦମରେ ରଖୁଥିଲେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସଂସ୍କୃତି ଉପରେ ଗର୍ବ କଲେ ହିଁ ଗୋଟିଏ ଦେଶ ପ୍ରଗତି କରିପାରିବ ବୋଲି ସେ କହିଛନ୍ତି । ଏ ଦିଗରେ ଆହୁରି ପ୍ରୟାସ ଜାରି ରହିଛି ବୋଲି ସେ କହିଛନ୍ତି । କଳା ଏବଂ ସଂସ୍କୃତି ପ୍ରେମୀ ବ୍ୟକ୍ତିବିଶେଷ ସାର୍ବଜନୀନ କଳା ଉପରେ ଅଧିକ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଛନ୍ତି ।

ହସ୍ତଶିଳ୍ପ ସାମଗ୍ରୀ ସମ୍ପର୍କରେ ଆଲୋଚନା କରିବାକୁ ଯାଇ ଶ୍ରୀ ମୋଦୀ ହରିୟାଣାର ରୋହତକ ଜିଲ୍ଲାର ଉନ୍ନତ ସ୍ୱୟଂସହାୟକ ଗୋଷ୍ଠୀ ଉପରେ ଆଲୋକପାତ କରିଥିଲେ । ଆସନ୍ତା ମାସ ୭ ତାରିଖରେ ଜାତୀୟ ହସ୍ତତନ୍ତ ଦିବସ ପାଳନ କରାଯିବ । ହସ୍ତତନ୍ତକୁ ବଞ୍ଚାଇ ରଖିବା ପାଇଁ ପ୍ରୟାସ କରି ଆସୁଥିବା କାରିଗରଙ୍କୁ ସେ ଉଚ୍ଚ ପ୍ରଶଂସା କରିଛନ୍ତି । ଏହି ଅବସରରେ ଓଡ଼ିଶାର ସମ୍ବଲପୁରୀ ଶାଢ଼ୀ, ମଧ୍ୟପ୍ରଦେଶର ମାହେଶ୍ୱରୀ

ଶାଢ଼ୀ, ମହାରାଷ୍ଟ୍ରର ପଇଥାନୀ, ବିଦର୍ଭର ହ୍ୟାଣ୍ଡବୁକ୍ ପ୍ରିଣ୍ଟ, ହିମାଚଳର ଭୁଟିକୋଶାଲ ଏବଂ ଜାମ୍ମୁକାଶ୍ମୀରର କାନୀଶାଲର ଉଦାହରଣ ଦେଇଥିଲେ । ସ୍ଥାନୀୟ ଉତ୍ପାଦକୁ ସାମାଜିକ ଗଣମାଧ୍ୟମରେ ହାସ୍‌ଟ୍ୟାଗ୍ ମୋ ପ୍ରଡକ୍ଟ ମାଇଁ ପ୍ରାଇଡ୍ ସହ ଅପଲୋଡ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

ଖଦି ଉତ୍ପାଦ ୪ଶହ ପ୍ରତିଶତ ବୃଦ୍ଧି ପାଇ ଦେଢ଼ଲକ୍ଷ କୋଟି ଟଙ୍କା ଅତିକ୍ରମ କରିବା ଏକ ବିଶେଷ ସଫଳତା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏ କ୍ଷେତ୍ରରେ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି ବୋଲି ସେ କହିଛନ୍ତି ।

ଅଲମ୍ପିକ୍ସ କ୍ରୀଡ଼ା ସମ୍ପର୍କରେ ଉଲ୍ଲେଖ କରିବାକୁ ଯାଇ ପ୍ରଧାନମନ୍ତ୍ରୀ ଭାରତୀୟ ଖେଳାଳିଙ୍କୁ ଉତ୍ସାହିତ କରିବାକୁ ଆହ୍ୱାନ ଦେଇଛନ୍ତି । ନିକଟରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଗଣିତ ଅଲମ୍ପିଆଡ୍‌ରେ ଭାରତୀୟ ଛାତ୍ରଛାତ୍ରୀଙ୍କର ଉଲ୍ଲେଖନୀୟ ପ୍ରଦର୍ଶନକୁ ଶ୍ରୀ ମୋଦୀ ଉଚ୍ଚ ପ୍ରଶଂସା କରିଛନ୍ତି ।

ନିଶା ସେବନ ବିରୁଦ୍ଧରେ ଜନମତ ସୃଷ୍ଟି ପାଇଁ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ଏହି ଉପଲକ୍ଷେ 'ମାନସ' ନାମରେ ଏକ ହେଲ୍‌ପଲାଇନ୍ ପୋର୍ଟାଲର ଶୁଭାରମ୍ଭ କରାଯାଇଛି ବୋଲି ସେ କହିଛନ୍ତି । ନିଶାମୁକ୍ତ ଭାରତ ଗଠନ ଦିଗରେ ଏହି ପୋର୍ଟାଲର ସୁବିଧା ନେବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

ଆନ୍ତର୍ଜାତିକ ବ୍ୟାଘ୍ର ଦିବସ ଆସନ୍ତା କାଲି ପାଳନ କରାଯିବ ବୋଲି ସେ କହିଛନ୍ତି । ବାଘ ଭାରତୀୟ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ ଏବଂ ଏହାର ସୁରକ୍ଷା ପରିବେଶ ସନ୍ତୁଳନ ପାଇଁ ଅପରିହାର୍ଯ୍ୟ ବୋଲି ସେ

କହିଛନ୍ତି । ଏହି ଅବସରରେ ରାଜସ୍ଥାନର ରଣଥମ୍ଭୋରରୁ ଆରମ୍ଭ ହୋଇଥିବା କୁଲଡିହା ବ୍ୟାଣ୍ଡ ପଞ୍ଚାୟତ ଅଭିଯାନ ଉପରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିଛନ୍ତି । ଭାରତରେ ବାଘ ସଂଖ୍ୟା ପ୍ରତିବର୍ଷ ବୃଦ୍ଧି ପାଉଛି ଏବଂ ବିଶ୍ୱର ୭୦ ପ୍ରତିଶତ ବାଘ ଭାରତରେ ଅଛନ୍ତି ବୋଲି ପ୍ରଧାନମନ୍ତ୍ରୀ ସୂଚନା ଦେଇଛନ୍ତି । ବାଘସଂଖ୍ୟା ବୃଦ୍ଧି ସହ ବନାଞ୍ଚଳ ପରିସର ବ୍ୟାପକ କରିବା ଲକ୍ଷ୍ୟରେ 'ଏକ୍ ପେଡ୍ ମାଁ କେ ନାମ୍' ଅଭିଯାନରେ ସମସ୍ତେ ସାମିଲ ହେବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ନିକଟରେ ଏହି ଅଭିଯାନ ଅଧୀନରେ ଇନ୍ଦୋରରେ ଗୋଟିଏ ଦିନରେ ୨ଲକ୍ଷରୁ ଅଧିକ ଚାରାରୋପଣ ଏକ ସଫଳ ପ୍ରୟାସ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ । ଏହି ଅଭିଯାନରେ ସାମିଲ ହୋଇ ସେଲ୍ଫି ଉଠାଇ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

ଅଗଷ୍ଟ ୧୫ ତାରିଖ ପାଖେଇ ଆସୁଥିବାରୁ ହରଘର ତ୍ରିରଙ୍ଗା ଅଭିଯାନକୁ ଅଧିକ ବ୍ୟାପକ କରିବାକୁ ପ୍ରଧାନମନ୍ତ୍ରୀ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି ।

## ପିଏମ୍ ବିଜେପି ସିଏମ୍ ମିଟ୍

ବିଜେପି ଶାସିତ ରାଜ୍ୟ ଗୁଡ଼ିକର ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀଙ୍କ ଦୁଇଦିନିଆ ବୈଠକ ନୂଆଦିଲ୍ଲୀସ୍ଥିତ ଦଳୀୟ ମୁଖ୍ୟାଳୟରେ ଜାରି ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦଳୀୟ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ସମେତ ଦଳର ବହୁ ବରିଷ୍ଠ ନେତା ଗତକାଲିଠାରୁ ଆରମ୍ଭ ହୋଇଥିବା ଏହି

ବୈଠକରେ ଯୋଗ ଦେଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଦେଶରେ ସ୍ୱଚ୍ଛ ପ୍ରଶାସନ ଏବଂ ଦେଶବାସୀଙ୍କ ଆଶା-ଆକାଂକ୍ଷାକୁ ପୂରଣ କରିବା ଲକ୍ଷ୍ୟରେ ଦଳୀୟ କର୍ମୀମାନେ ନିରନ୍ତର କାର୍ଯ୍ୟ କରୁଛନ୍ତି । ନିକଟରେ ଅନୁଷ୍ଠିତ ଲୋକସଭା ନିର୍ବାଚନ ଏବଂ କେନ୍ଦ୍ରୀୟ ବଜେଟ୍ ପରିପ୍ରେକ୍ଷୀରେ ଏହି ବୈଠକ ବିଶେଷ ଗୁରୁତ୍ୱ ବହନ କରୁଥିବା ଜଣାପଡିଛି । କେନ୍ଦ୍ରୀୟ ଜନକଲ୍ୟାଣକାରୀ ଯୋଜନା ଗୁଡ଼ିକର ସଫଳ ରୂପାୟନ ଦିଗରେ ଏହି ବୈଠକରେ ବିସ୍ତୃତ ଆଲୋଚନା ହୋଇଥିବା ଜଣାପଡିଛି ।

## ଜୟଶଙ୍କର-ଜାପାନ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଦୁଇଦିନିଆ ଜାପାନ ଗସ୍ତରେ ଯାଇ ଆଜି ସକାଳେ ଟୋକିଓଠାରେ ପହଞ୍ଚିଛନ୍ତି । ସେଠାରେ ତାଙ୍କୁ ଭାରତର ରାଷ୍ଟ୍ରଦୂତ ସିବି ଜର୍ଜ ସ୍ୱାଗତ କରିଥିଲେ । ଟୋକିଓରେ ଅନୁଷ୍ଠିତ ହେବାକୁ ଥିବା କ୍ୱାଡ ବୈଦେଶିକ ମନ୍ତ୍ରୀ ଗୋଷ୍ଠୀ ସମ୍ମିଳନୀରେ ଡକ୍ଟର ଜୟଶଙ୍କର ଯୋଗଦେବେ । ଏହି ବୈଠକ ଆସନ୍ତାକାଲିଠାରୁ ଆରମ୍ଭ ହେବ । ଭାରତ ସମେତ ଜାପାନ, ଆମେରିକା ଏବଂ ଅଷ୍ଟ୍ରେଲିଆର ବୈଦେଶିକ ମନ୍ତ୍ରୀଗଣ ଏହି ବୈଠକରେ ଯୋଗ ଦେଉଛନ୍ତି । ନ୍ୟୁୟର୍କଠାରେ ଗତ ସେପ୍ଟେମ୍ବର ମାସରେ ଅନୁଷ୍ଠିତ କ୍ୱାଡ ବୈଦେଶିକ

ମନ୍ତ୍ରୀ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଗୁଡ଼ିକର କାର୍ଯ୍ୟାନ୍ୱୟନ ନେଇ ଏହି ବୈଠକରେ ସମୀକ୍ଷା କରାଯିବ । ବିଭିନ୍ନ ଆଞ୍ଚଳିକ ଏବଂ ଆନ୍ତର୍ଜାତିକ ପରିସ୍ଥିତି ନେଇ ବୈଦେଶିକ ମନ୍ତ୍ରୀମାନଙ୍କ ମଧ୍ୟରେ ଆଲୋଚନାର ହେବାର କାର୍ଯ୍ୟସୂଚୀ ରହିଛି । ଟୋକିଓର ଏଡୋଗାଓ୍ୱାର ଫ୍ରିଡମ ପ୍ଲାଜାଠାରେ ମହାତ୍ମା ଗାନ୍ଧୀଙ୍କର ଏକ ମୂର୍ତ୍ତିକୁ ଜୟଶଙ୍କର ଅନାବରଣ କରିଛନ୍ତି । ଏହି ଅବସରରେ ଜାପାନ ବୈଦେଶିକ ଉପମନ୍ତ୍ରୀ ମାଶାହିରୋ କୋମୁରା ଏବଂ ଏଡଗାଓ୍ୱା ମେୟର ଉପସ୍ଥିତ ଥିଲେ । ଏହି ଗସ୍ତ ଅବସରରେ ଡକ୍ଟର ଜୟଶଙ୍କର ଆଜି ଆମେରିକା ବୈଦେଶିକ ମନ୍ତ୍ରୀ ଆଣ୍ଟୋନି ବ୍ଲିଙ୍କେନଙ୍କ ସହ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା କରିଛନ୍ତି ।

## ଟର୍କୀସ ଫୋର୍ସେସ୍ ସୋମାଲିଆ

ସୋମାଲିଆରେ ତୁର୍କୀ ସଶସ୍ତ୍ର ବାହିନୀ ମୁତୟନ କରିବା ସଂକ୍ରାନ୍ତ ଏକ ପ୍ରସ୍ତାବ ତୁର୍କୀ ସଂସଦରେ ପାରିତ ହୋଇଛି । ଆତଙ୍କବାଦ ଏବଂ ଅନ୍ୟାନ୍ୟ ସୁରକ୍ଷା ସମ୍ପର୍କିତ ଆହ୍ୱାନର ମୁକାବିଲା ପାଇଁ ଏହି ସେନା ୨ବର୍ଷ ପର୍ଯ୍ୟନ୍ତ ସୋମାଲିଆରେ ମୁତୟନ ରହିବେ ବୋଲି ନିଷ୍ପତ୍ତି ହୋଇଛି । ଦୁଇଦେଶ ମଧ୍ୟରେ ଗତ ଫେବୃୟାରୀ ମାସରେ ସ୍ୱାକ୍ଷରିତ ପ୍ରତିରକ୍ଷା ଓ ଅର୍ଥନୈତିକ ସହଯୋଗ ରାଜିନାମା ପରିପ୍ରେକ୍ଷୀରେ ତୁର୍କୀ ସାଂସଦ ଏହି ନିଷ୍ପତ୍ତି ନେଇଥିବା ଜଣାପଡିଛି । ଚଳିତବର୍ଷ ଶେଷସୁଦ୍ଧା ସୋମାଲି ଉପକୂଳକୁ

ଏକ ତୈଳ ଏବଂ ଗ୍ୟାସ୍ ଅନୁସନ୍ଧାନ ଜାହାଜ ପଠାଇବାର ଯୋଜନା କରାଯାଉଛି ବୋଲି ତୁର୍କୀର ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

## ଷ୍ଟାଡିୟମ ଆଟାକ୍ ଇସ୍ରାଏଲ

ଇସ୍ରାଏଲ ଅଧୀକୃତ ଗୋଲାନ ହାଇଟ୍‌ସସ୍ଥିତ ଫୁଟବଲ ଷ୍ଟାଡିୟମରେ ରକେଟ୍ ମାଡ଼ ଯୋଗୁଁ ୧୨ଜଣଙ୍କର ମୃତ୍ୟୁ ହୋଇଛି । ହିଜ୍‌ବୁଲା ଆତଙ୍କବାଦୀ ଗୋଷ୍ଠୀ ଏହି ଆକ୍ରମଣ କରିଥିବା ନେଇ ଇସ୍ରାଏଲ କର୍ତ୍ତୃପକ୍ଷ କହିଛନ୍ତି । ଏହାର ଦୃଢ଼ ଜବାବ ଦିଆଯିବ ବୋଲି ଇସ୍ରାଏଲ ସତର୍କ କରାଇଛି । ଅନ୍ୟପକ୍ଷରେ ହିଜ୍‌ବୁଲା ଏହି ଆକ୍ରମଣ ଅଭିଯୋଗକୁ ଖଣ୍ଡନ କରିଛି । ଆକ୍ରମଣ ପରିପ୍ରେକ୍ଷୀରେ ଦୁଇଦେଶ ମଧ୍ୟରେ ପୁଣି ଉତ୍ତେଜନା ବୃଦ୍ଧି ପାଇଥିବା ଜଣାପଡିଛି ।

## ଅମରନାଥ ଯାତ୍ରା

ଅମରନାଥ ଗୁମ୍ଫା ଦର୍ଶନ ନିମନ୍ତେ ଆଜି ସକାଳୁ ୧ହଜାର ୬୭୭ ଜଣ ତୀର୍ଥଯାତ୍ରୀ ଜାମ୍ମୁର ଭଗବତୀ ନଗର ମୂଳ ଶିବିରରୁ କାଶ୍ମୀର ଘାଟି ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି । ଆଜି ସକାଳୁ ୬୭ଟି ବାହନରେ ତୀର୍ଥଯାତ୍ରୀମାନେ ଯାଇଛନ୍ତି । ସେମାନଙ୍କ ମଧ୍ୟରେ ୧ହଜାର ୩୪୩ ଜଣ

ପୁରୁଷ, ୨୨୮ଜଣ ମହିଳା, ୨ଜଣ ଶିଶୁ, ୪୩ଜଣ ସାଧୁ ଏବଂ ୨୧ଜଣ ସାଧ୍ୱୀ ଅଛନ୍ତି । ୪୦୮ଜଣ ତୀର୍ଥଯାତ୍ରୀ ବାଲ୍‌ତଲ୍ ମୂଳ ଶିବିରରୁ ଏବଂ ୧୨ଶହ ଅଣସ୍ତରୀ ଜଣ ତୀର୍ଥଯାତ୍ରୀ ପହଲଗାମ ମୂଳ ଶିବିରରୁ ଯାତ୍ରା ଆରମ୍ଭ କରିଥିଲେ ।

## ଦିଲ୍ଲୀ କୋଚିଂ ଫ୍ଲଡ

ଦିଲ୍ଲୀର ଏକ କୋଚିଂ ସେଣ୍ଟରରେ ବର୍ଷାଜଳ ଯୋଗୁଁ ୩ଜଣ ଛାତ୍ରଙ୍କର ମୃତ୍ୟୁ ଘଟଣାରେ ଦିଲ୍ଲୀ ପୁଲିସ କୋଚିଂ ସେଣ୍ଟରର ମାଲିକ ଏବଂ ଏହାର ପରିଚାଳକଙ୍କୁ ଅଟକ ରଖିଛି । ଏହି ଘଟଣାରେ ଦିଲ୍ଲୀ ସରକାର ମାଜିଷ୍ଟ୍ରେଟ୍‌ସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଡିସିପି ଏମ୍. ହର୍ଷବର୍ଦ୍ଧନ କହିଛନ୍ତି । ପୁରୁଣା ରାଜିନ୍ଦରନଗର ଅଞ୍ଚଳର ଏକ କୋଚିଂ ସେଣ୍ଟରର ବେସ୍‌ମେଣ୍ଟରେ ବର୍ଷାଜଳ ପରିମାଣ ବୃଦ୍ଧି ପାଇବାରୁ ୩ଜଣ ଛାତ୍ରଙ୍କର ମୃତ୍ୟୁ ହୋଇଛି । ସେଥିରେ ୨ଜଣ ମହିଳା ଥିବା ଜଣାପଡିଛି । ଅନ୍ୟମାନଙ୍କୁ ସେଠାରୁ ଉଦ୍ଧାର କରାଯାଇଛି ବୋଲି ସେ କହିଛନ୍ତି । ଜଳ ନିଷ୍କାସନ ପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଏହି ଘଟଣାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି ବୋଲି ଶ୍ରୀ ହର୍ଷବର୍ଦ୍ଧନ କହିଛନ୍ତି ।

# କ୍ରିକେଟ୍

ମହିଳା ଟି-ଟ୍ୱେଣ୍ଟି ଏସିଆ କପ୍ କ୍ରିକେଟ୍ ଫାଇନାଲ୍ ମ୍ୟାଚ୍‌ରେ ଆଜି ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ମୁକାବିଲାହେବ । ଶ୍ରୀଲଙ୍କାର ଦାମ୍ବୁଲାଠାରେ ଭାରତୀୟ ସମୟ ଅପରାହ୍ଣ ୩ଟାରେ ଏହି ମ୍ୟାଚ୍ ଖେଳାଯିବ ।

ଅନ୍ୟପକ୍ଷରେ ଭାରତ-ଶ୍ରୀଲଙ୍କା ପୁରୁଷ ଚଳିତ ତିନି ମ୍ୟାଚ୍ ବିଶିଷ୍ଟ ଟି-ଟ୍ୱେଣ୍ଟି ଶୃଙ୍ଖଳାର ଦ୍ୱିତୀୟ ମ୍ୟାଚ୍ ଆଜି ଭାରତୀୟ ସମୟ ସଂଧ୍ୟା ୭ଟାରେ ଶ୍ରୀଲଙ୍କାର ପାଲେକଲ ଷ୍ଟାଡିୟମରେ ଅନୁଷ୍ଠିତ ହେବ ।

ସୂଚନାଯୋଗ୍ୟ ଗତକାଲି ପ୍ରଥମ ମ୍ୟାଚ୍‌ରେ ଭାରତ’ ଶ୍ରୀଲଙ୍କା ବିପକ୍ଷରେ ୪୩ରନ୍‌ରେ ବିଜୟୀ ହୋଇଥିଲା ।